# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୩.୧୦.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଚେୟାର୍‌ପରସନ୍,
୨. ଶ୍ରୀ ଶିବ ପ୍ରସାଦ ବେହେରା,
୩. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୪. ଶ୍ରୀମତୀ ଯଶୋଧାରା ପ୍ରଧାନ,
୫. ଅସିୟା ବେଗମ୍

ଅଦ୍ୟ ତା ୧୩.୧୦.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଜିର ବୈଠକରେ ଉପସ୍ଥାପିତ କରାଯାଇଥିବା ଆୟ ଓ ବ୍ୟୟ ହିସାବ ଫର୍ଦ୍ଦରେ ବିଭିନ୍ନ ବାବଦକୁ ବ୍ୟୟ ହୋଇଥିବା ଅର୍ଥ ଯଥା:- ରାସ୍ତା ନିର୍ମାଣ, ପେଭର୍ ବ୍ଲକ୍, ଭଡ଼ା ଗାଡ଼ି, ଗାଡ଼ି ତେଲ, ପୂଜା ଖର୍ଚ୍ଚ, MCC/MRF/TTS ଇତ୍ୟାଦିର ବହୁ ଅର୍ଥ ଖର୍ଚ୍ଚ ହୋଇଥିବାରୁ ତାହାର ସବିଶେଷ ଖର୍ଚ୍ଚର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର ମୁଖ୍ୟ ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ମାର୍କେଟ୍ ଗୁଡ଼ିକରୁ କମ୍ ରାଜସ୍ୱ ଆଦାୟ ହେଉଥିବାର ଆୟ ଓ ବ୍ୟୟ ଫର୍ଦ୍ଦରୁ ଜଣାପଡୁଅଛି, ତେଣୁ ରାଜସ୍ୱ ଆଦାୟ କରିବା ପାଇଁ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟରଙ୍କ ସହଯୋଗ ନେବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ପୁରୁଣା ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମାର୍କେଟ୍‌ରେ ଦୁଇ ଗୋଟି ଗୃହ ଖାଲିଅଛି ସେଥି ମଧ୍ୟରୁ ଗୋଟିଏ ଗୃହରେ ଜନସାଧାରଣ ଓ ସେଠାକୁ ଆସୁଥିବା ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ ସେଠାରେ ଗୋଟିଏ ATM ସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ମାର୍କେଟ୍‌ରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କର ଡ଼ାଟାବେସ୍ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ପ୍ରୀତିନନ୍ଦା ରାଉତରାୟ
ସଭାପତି
ତା ୧୩.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୧୯.୧୦.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀମତୀ ମୋନାଲିସା ସାହୁ,
୪. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୫. ଶ୍ରୀମତୀ ରଞ୍ଜୁଲତା ରାୟ,
୬. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ

ଅଦ୍ୟ ତା ୧୯.୧୦.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଶ୍ରୀ ପ୍ରଭୁଦତ ମହାପାତ୍ର, ପବ୍ଲିକ୍ ହେଲ୍‌ଥ ମ୍ୟାନେଜର୍ ଭୁବନେଶ୍ୱର ମହାନଗର ନିଗମ ପୌର ଚିକିତ୍ସାଳୟ ଏବଂ ଶିଖରଚଣ୍ଡୀ ଡ଼ାକ୍ତରଖାନା ଦାୟିତ୍ୱରେ ରହିଛନ୍ତି । ଉକ୍ତ ଦୁଇ ଗୋଟି ଡ଼ାକ୍ତରଖାନା ସହରର ଦୁଇ ପାର୍ଶ୍ୱରେ ରହୁଥିବାରୁ ସେ ସଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରିପାରୁନାହାଁନ୍ତି ତେଣୁ ତାଙ୍କୁ କେବଳ ଭୁବନେଶ୍ୱର ମହାନଗର ନିଗମରେ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ପୁରୁଣା ଭୁବନେଶ୍ୱର ସ୍ଥିତ ପୌର ଚିକିତ୍ସାଳୟର ଟିକେଟ୍ କାଉଁଟର୍‌ରେ ରୋଗୀମାନେ ଖରାରେ ଛିଡ଼ା ହେଉଛନ୍ତି, ତେଣୁ ସେଠାରେ ଏକ ସେଡ଼୍ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ପୁରୁଣା ଭୁବନେଶ୍ୱର ସ୍ଥିତ ପୌର ଚିକିତ୍ସାଳୟକୁ ଆସୁଥିବା ରୋଗୀ ମାନଙ୍କୁ ସେବା ଯୋଗାଇଦେବା ନିମନ୍ତେ ଗୋଟିଏ ଅଲଟ୍ରାସାଉଣ୍ଡ୍ ମେସିନ୍ ବସାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମରେ ଥିବା UCHC ଡ଼ାକ୍ତରଖାନା ଗୁଡ଼ିକ କେତେକ ସ୍ଥାନରେ ଭଡ଼ାଘରେ ଚାଲୁଥିବାରୁ ଅସୁବିଧା ହେଉଅଛି ତେଣୁ ଯେଉଁଠାରେ ଜାଗା ଅଛି ସେଠାରେ ସ୍ଥାୟୀ ଗୃହ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ପୁରୁଣା ଭୁବନେଶ୍ୱର ସ୍ଥିତ ପୌର ଚିକିତ୍ସାଳୟରେ ଜଣେ ହୃଦ୍‌ରୋଗ ଡ଼ାକ୍ତର ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ପୌର ଚିକିତ୍ସାଳୟରେ ଠିକାଦାରଙ୍କ ଦ୍ୱାରା ଷ୍ଟାଫ୍, ନର୍ସ ରଖାଯାଇ କାର୍ଯ୍ୟ ସମ୍ପାଦନ କରାଯାଇଅଛି, କିନ୍ତୁ ପ୍ରସୂତି ବିଭାଗ ପାଇଁ ଛଅ ଜଣ ପ୍ରଶିକ୍ଷଣ ଷ୍ଟାଫ୍, ନର୍ସ ଦେବାପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). କମିଟି ସମ୍ପର୍କିତ ଯେଉଁ ଜିନିଷ କ୍ରୟ କରାଯାଉଅଛି ସେଗୁଡ଼ିକ କମିଟି ମାଧମରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମଶାଧୂଆଁ ଗାଡ଼ି ଏକ ଘଂଟା ତିରିଶ୍ ମିନିଟ୍ ଚାଲିବା ପରେ ବନ୍ଦ ହୋଇ ଯାଉଅଛି ଫଳରେ ୱାର୍ଡ଼ରେ କଭର୍ ହୋଇପାରୁନାହିଁ, ତେଣୁ ଏକା ସାଙ୍ଗରେ ପ୍ରତ୍ୟେକ ୱାର୍ଡ଼କୁ ଦୁଇ ଗୋଟି ଲେଖାଏଁ ମଶାଧୂଆଁ ମେସିନ୍ ପଠାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ସତ୍ୟନଗର ମଶାଣିରେ ଦୁଇ ଜଣ କର୍ମଚାରୀ ଦୀର୍ଘ ଦିନ ହେବ କାର୍ଯ୍ୟ କରୁଥିଲେ ମଧ ଦରମା ପାଉନାହାଁନ୍ତି, ତେଣୁ ସେମାନଙ୍କୁ ଶୀଘ୍ର ଦରମା ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୦). ଡ୍ରେନ୍ ନଂ-୫ ଓ ୬ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା- ବିରଂଚି ନାରାୟଣ ମହାସୁପକାର<br>
ସଭାପତି<br>
ତା ୧୯.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ତା ୧୯.୧୦.୨୦୨୩ ରିଖ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ଜୟନ୍ତି ସାହୁ,
୩. ଶ୍ରୀମତୀ ସମିତା ମହାନ୍ତି,
୪. ଶ୍ରୀ ସନ୍ତୋଷ କୁମାର ସିଂହ

ଅଦ୍ୟ ତା ୧୯.୧୦.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ମାନନୀୟା ମେୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିବାକୁ ଯାଉଛନ୍ତି, ତାଙ୍କ ସହିତ ଜଣେ ବୈଷୟିକ ଇଞ୍ଜିନିୟର୍ ଗଲେ ତାଙ୍କୁ କାର୍ଯ୍ୟ ବିଷୟରେ ଅବଗତ କରାଇପାରିବେ, ତେଣୁ ତାଙ୍କ ନିକଟରେ ଜଣେ ବୈଷୟିକ ଇଞ୍ଜିନିୟର୍ ନିଯୁକ୍ତି ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୱାର୍ଡ଼ ନଂ-୫୨ ଭୀମପୁର ମୌଜା ରେସିଡ଼େନ୍ସି ଡୁପ୍ଲେକ୍ସ୍ ନିକଟରେ ଆଗରୁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ରାସ୍ତା ନିର୍ମାଣ ହୋଇଥିଲା ସେଠାରେ ମଧ ଜନସାଧାରଣ ଦୀର୍ଘ ୧୫ ରୁ ୧୭ ବର୍ଷ ହେବ ବସବାସ କରୁଛନ୍ତି, ତେଣୁ ସେଠାରେ ରାସ୍ତା ମରାମତି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ନାଳ ଗୁଡ଼ିକ ସଫା କରିବା ପାଇଁ ଛୋଟ RCBC Slab ପକାଇବା ପାଇଁ କମିଟି ତା ୧୪.୦୯.୨୦୨୩ ରିଖରେ ନିଷ୍ପତି ନେଇଥିଲେ, କିନ୍ତୁ ଏବେ ଯେଉଁ ଡ୍ରେନ୍ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଅଛି ସେଥିରେ RCBC Slab ବ୍ୟବସ୍ଥା ନାହିଁ । ତେଣୁ ଭୁବନେଶ୍ୱର ମହାନଗର ନିଗମ ଯେଉଁ ଡ୍ରେନ୍ ସ୍ଲାବ୍ ନିର୍ମାଣ ପକାଯାଇଅଛି ସେଥିରେ ମଝିରେ ଛୋଟ RCBC Slab ପକାଇବା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଅମରେଶ ଜେନା
ସଭାପତି
ତା ୧୯.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ତା ୧୨.୧୦.୨୦୨୩ ରିଖ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ଶ୍ରୀମତୀ ପିଙ୍କି ସ୍ୱାଇଁ,
୪. ଶ୍ରୀମତୀ ନମିତା ମହାପାତ୍ର,
୫. ଶ୍ରୀମତୀ ଗୀରୁଲତା ସାମନ୍ତରାୟ,
୬. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୧୨.୧୦.୨୦୨୩ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମରେ ନଗର ପ୍ଲାନର ଅବସର ନେବାପରେ ଉକ୍ତ ପଦବୀ ଖାଲି ରହିଅଛି, ଫଳରେ ପ୍ଲାନ୍ ଅନୁମୋଦନ କାର୍ଯ୍ୟ ବିଳମ୍ବ ହେଉଅଛି, ତେଣୁ ଜଣେ ନଗର ପ୍ଲାନର୍ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ପ୍ଲାନ୍ ଅନୁମୋଦନ ପାଇଁ ଗତ ମାସରେ କେତେ ଦରଖାସ୍ତ ଆବେଦନ ହୋଇଅଛି, ସେଥି ମଧ୍ୟରୁ କେତେ ପ୍ଲାନ୍ ଅନୁମୋଦନ ହୋଇଅଛି, ଆଉ କେତେ ବାକିଅଛି ତାହାର ତଥ୍ୟ କମିଟିରେ ଉପସ୍ଥାପନ କରିନଥିବାରୁ କମିଟି କ୍ଷୋଭ ପ୍ରକାଶ କଲେ । ଆସନ୍ତା ମାସ ବୈଠକରେ ଉକ୍ତ ତଥ୍ୟ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୨.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ତା ୧୮.୧୦.୨୦୨୩ ରିଖ
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍,
୨. ମୋନାଲିସା ବେହେରା,
୩. ଶ୍ରୀ ରଶ୍ମିରଞ୍ଜନ ପାଟ୍ଟଶାଣୀ,
୪. ଶ୍ରୀ ରାମଚନ୍ଦ୍ର ରଣସିଂହ

ଅଦ୍ୟ ତା ୧୮.୧୦.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଚଳିତ ବର୍ଷ ସ୍ୱାୟତ ଶାସନ ଦିବସରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଜୟ ହୋଇଥିବା କର୍ପୋରେଟର/କର୍ମଚାରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇନାହିଁ, ତେଣୁ ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରି ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଆଚାର୍ଯ୍ୟ ବିହାର ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାର ମିଡ଼ିଆନରେ ବୃକ୍ଷରୋପଣ କରାଯାଇଅଛି, ସେହି ଗଛରେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଗଛ ଗୁଡ଼ିକ ଗୋରୁଗାଈ ଖାଇଯାଉଛନ୍ତି, ତେଣୁ ଉକ୍ତ ଗଛ ଗୁଡ଼ିକର ଟ୍ରୀ ଗାର୍ଡ଼ କିମ୍ବା ତାରବାଡ଼ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା ୧୮.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ତା ୧୬.୧୦.୨୦୨୩ ରିଖ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣାରାଣୀ ପତି,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୫. ଶ୍ରୀମତୀ ସୁଜାତା ଛୋଟରାୟ,
୬. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୧୬.୧୦.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). କର୍ପୋରେଟର ସେମାନଙ୍କ ଅଂଚଳରେ ଭେଣ୍ଡିଂଜୋନ୍ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ସେଥି ମଧ୍ୟରୁ କେଉଁ ଭେଣ୍ଡିଂଜୋନ୍ ପ୍ରସ୍ତାବ ଗୁଡ଼ିକ ଉପରେ କ'ଣ ପଦକ୍ଷେପ ନିଆଯାଇଅଛି ତାହାର ତଥ୍ୟ ଆସନ୍ତା ମାସ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ମାର୍କେଟ୍ ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଦେଶର ବିଭିନ୍ନ ସହରରେ ଥିବା ମାର୍କେଟ୍ କିପରି ପରିଚ୍ଛଳିତ ହେଉଅଛି ଓ ସେଠାରୁ ରାଜସ୍ୱ କିପରି ଜେନେରେଟ୍ ହେଉଅଛି ତାହା ଦେଖିବା ପାଇଁ ଯିବା ନିମନ୍ତେ ନିଗମର ଅତିରିକ୍ତ କମିଶନର ତାଙ୍କ ତତ୍ୱାବଧାନତାରେ କମିଟିର ସମସ୍ତ ସଭ୍ୟ/ସଭ୍ୟା, ସମସ୍ତ ଅଂଚଳିକ ଅଧିକାରୀ, ଉପ ଆୟୁକ୍ତ, ମାର୍କେଟ୍, ଉପ ଆୟୁକ୍ତ, ରାଜସ୍ୱ ଏକ୍ସପୋଜର୍ ପରିଦର୍ଶନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ବୀର ସୁରେନ୍ଦ୍ର ସାଏ ନଗରରେ ଥିବା ହାଟର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୬.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୧୦.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍,
୨. ଶ୍ରୀମତୀ ଧରିତ୍ରୀ ଜେନା,
୩. ଶ୍ରୀମତୀ ବନ୍ଦିତା ପାଲ୍

ଅଦ୍ୟ ତା ୧୭.୧୦.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ଟିକସ ଅସୁଲକାରୀ ମାନଙ୍କୁ ୱାର୍ଡ଼ ଅଫିସର ଦାୟିତ୍ୱ ଦିଆଯିବା ଫଳରେ ଗୃହ ଟିକସ ଠିକ୍ ଭାବରେ ଆଦାୟ ହୋଇପାରୁନାହିଁ, ତେଣୁ ପ୍ରତ୍ୟେକ ୱାର୍ଡ଼ ପାଇଁ ଜଣେ ଲେଖାଏଁ ୱାର୍ଡ଼ ଅଫିସର ଆଉଟ୍‌ସୋର୍ସିଂ ମାଧ୍ୟମରେ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ କାର୍ଯ୍ୟ ପାଇଁ ଆଉଟ୍‌ସୋର୍ସିଂ ମାଧ୍ୟମରେ ଯେଉଁମାନଙ୍କୁ ରଖାଯାଉଅଛି ତାହା କମିଟି ମାଧ୍ୟମରେ ରଖିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ୫.୦୦ ଟିକା ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା ୧୭.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ତା ୧୭.୧୦.୨୦୨୩ ରିଖ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ଇତିଶ୍ରୀ ଦାସ,
୩. ଶ୍ରୀମତୀ ଗୀତାଞ୍ଜଳି ସାହୁ,
୪. ଶ୍ରୀ ଶିବ ନାରାୟଣ ରାୟ,
୫. ଶ୍ରୀ ନୃପେଶ କୁମାର ନାୟକ

ଅଦ୍ୟ ତା ୧୭.୧୦.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଗକୁ ଦୁର୍ଗାପୂଜା ଆସୁଅଛି, ୱାର୍ଡ଼ ନଂ-୧୩, ୩୯,୫୧ ଓ ଅନ୍ୟାନ୍ୟ ୱାର୍ଡ଼ରେ ରାସ୍ତା ପାର୍ଶ୍ୱରେ ଥିବା ଗଛଡ଼ାଳ ରାସ୍ତା ମଧ୍ୟକୁ ମାଡ଼ି ଆସିଥିବାରୁ ବିଦ୍ୟୁତ୍ ଆଲୋକ ରାସ୍ତା ଉପରେ ପଡୁନାହିଁ, ତେଣୁ ଉକ୍ତ ଡ଼ାଳ ଗୁଡ଼ିକ କାଟିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଅଂଟିଲାର୍ଭା ତେଲ ପଡୁଥିବା ନୂତନ ମେସିନ୍ ଗୁଡ଼ିକର ବ୍ୟାଟେରୀ ଖରାପ ହେବାଦ୍ୱାରା ନାଳରେ ତେଲ ପଡ଼ିପାରୁନାହିଁ, ତେଣୁ ଅଂଟିଲାର୍ଭା ୱାର୍କର ମାନଙ୍କ ନିକଟରେ ନୂଆ ଓ ପୁରୁଣା ମେସିନ୍ ରଖିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୱାର୍ଡ଼ରେ ଗୋରୁ, ଗାଈ, କୁକୁର ଆଦି ଜୀବଜନ୍ତୁ ମଲେ ସେଗୁଡ଼ିକ ଉଠାଯାଉନଥିବାରୁ ସେଠାରେ ଦୁର୍ଗନ୍ଧ ହେଉଥିବାରୁ ଜନସାଧାରଣ ଅଭିଯୋଗ କରୁଛନ୍ତି, ତେଣୁ ସେଗୁଡ଼ିକୁ ଶୀଘ୍ର ଉଠାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା କେତେକ ଅଙ୍ଗନୱାଡ଼ି କେନ୍ଦ୍ର ଦୁସ୍ତ ଅବସ୍ଥାରେ ଅଛି, କେତେକ କେନ୍ଦ୍ରକୁ ପାଣି ନାହିଁ, ବିଦ୍ୟୁତ୍ ନାହିଁ, ଛୋଟ ଛୋଟ ପିଲାଙ୍କ ପ୍ରତି ବିପଦ ଥିବାରୁ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକର ପୁନଃ ଉଦ୍ଧାର କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଆଜିର ବୈଠକରେ ଉପସ୍ଥାପିତ କରାଯାଇଥିବା ଅଭିଯୋଗ ତଥ୍ୟରୁ ଜଣାଗଲା ଯେ, ରାସ୍ତାଲୋକ ମରାମତି ପାଇଁ ହୋଇଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ବହୁ ଅଭିଯୋଗ ସମାଧାନ ହେଉନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କଲେ, ତେଣୁ ଉକ୍ତ ଅଭିଯୋଗ ଗୁଡ଼ିକ ଶୀଘ୍ର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ କୁକୁର ମାଳମାଳ ହୋଇ ବୁଲିଲେଣି, ସେମାନଙ୍କ ପାଇଁ ରାତ୍ରି ସମୟରେ ରାସ୍ତାରେ ଦୁର୍ଘଟଣା ହେଉଅଛି, ତେଣୁ କୁକୁର ବନ୍ଧ୍ୟାକରଣ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୧୨.୨୦ ଟିକା ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୭.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୩.୧୦.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୩. ସଜିବା ମୁଣରତ,
୪. ପୂଜା ବେହେରା,
୫. ଶ୍ରୀ ଅଜିତ୍ ବେହେରା,
୬. ଶ୍ରୀ ଆଶିଷ କୁମାର ପଟ୍ଟନାୟକ

ଅଦ୍ୟ ତା ୧୩.୧୦.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଯେଉଁ ଘର ଉଚ୍ଛେଦ ହେଉଅଛି ସେଠାରେ ବସବାସ କରୁଥିବା ଲୋକଙ୍କୁ ଅସ୍ଥାୟୀ ଭାବେ ରଖିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ତିନି ଗୋଟି ଜୋନ୍‌ରେ ତିନି ଗୋଟି ଟ୍ରାଞ୍ଜିଟ୍ ହାଉସ୍ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ଯେଉଁ SDA ମାନଙ୍କର ଦୁଇ ବର୍ଷ ହୋଇଗଲାଣି ସେମାନଙ୍କର ସଭ୍ୟ/ସଭ୍ୟା ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୩.୧୦.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୧୦.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

**ଉପସ୍ଥିତ ସଭ୍ୟ/ସଭ୍ୟା :-**

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପରସନ୍,
୨. ଶ୍ରୀ ବିଜୟ ଅମୃତା କୁଲାଙ୍ଗେ, ଆଇ.ଏ.ଏସ୍, ମ୍ୟୁନିସିପାଲ୍ କମିଶନର,
୩. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୪. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୫. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୬. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାର୍‌ମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୭. ଶ୍ରୀ ଅମରେଶ ଜେନା
ଚେୟାର୍‌ମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୧୯.୧୦.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Constn. of Working shed for Operation of Four Nos. of two line Trommel machine to process MSW (1800 Sqm.) File No.- XXIX-Div.-1-1168/2023 | Rs.3,86,11,000/- | Rs.3,59,34,256/- | M/s Omm Sai Constn. Prop. Sri Susanta Ku. Mohanty | 6.00 |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(c) ତା ୨୨.୦୫.୨୦୧୮ ରିଖ-ତଥା- OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Constn. of Parallel drain from Plot No.-1427/2574 to Amar Das | Rs.98,92,203/- | Rs.1,03,76,920/- | Sri Asit Ku. Dalai | 4.90 |

House of Main Drain No.-7 at
New Forest Park in Ward No.-53
File No.- XXXXXV-(D)-273/2022

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ଥିବା ୪୦ ଗୋଟି Water ATM ଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ ନିଜ ତତ୍ତ୍ୱାବଧାନରେ ପରିଚାଳିତ କରିବା ପାଇଁ ଏବଂ ଏଥି ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଡ୍ରାଇଭର-୪ ଗୋଟି, ଅପରେଟର-୪ ଗୋଟି, ଇଞ୍ଜିନିୟର୍-୪ ଗୋଟି All India Local Self Government ଠାରୁ Out sourcing ମାଧ୍ୟମରେ ନିଯୁକ୍ତି ଦେଇ ଉକ୍ତ Water ATM ଗୁଡ଼ିକ ପରିଚାଳିତ କରାଯିବ । WATCO ର 24x7 ପାନୀୟ ଜଳ ଯୋଜନା ଯେଉଁ ଯେଉଁ ଅଂଚଳରେ ଲାଗୁ କରାଯିବ । ସେଠାରେ ଏହି Water ATM ଗୁଡ଼ିକ ପର୍ଯ୍ୟାୟ କ୍ରମେ ବନ୍ଦ କରାଯିବା ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୪. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୪(୧). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ସୁପରିଚାଳନା ପାଇଁ ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର ସ୍ଥାପନ କରିବା ପାଇଁ ଆବଶ୍ୟକ ହେଉଅଛି, ତେଣୁ ଦେଶର ବିଭିନ୍ନ ସହରରେ କିପରି ମାଇକ୍ରୋ କମ୍ପୋଷ୍ଟିଂ ସେଂଟର ପରିଚାଳନା ହେଉଅଛି, ତାହା କର୍ପୋରେଟରମାନେ ଦେଖିବା ପାଇଁ ଯିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ନିର୍ଦ୍ଧାରଣ-୪(୨). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଯେକୌଣସି କାର୍ଯ୍ୟ ପାଇଁ ଆହ୍ୱାନ କରାଯାଉଥିବା ଟେଣ୍ଡର ଫାଇଲ୍ ଗୁଡ଼ିକ କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଲୋଚନା ଦାସ
ସଭାପତି
ତା ୧୯.୧୦.୨୦୨୩ ରିଖ